## କିଛି ତଥ୍ୟ

ବିମୁଦ୍ରୀକରଣ ପରେ ଅଚଳ ଘୋଷିତ ୫୦୦ ଓ ୧୦୦୦ ଟଙ୍କିଆ ନୋଟ ଗଣତି ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କର ବିଭିନ୍ନ ଶାଖାରେ ୫୯ଟି ସୋଫିଷ୍ଟିକେଟେଡ୍ କରେନ୍ସି ଭେରିଫିକେଶନ ଆଣ୍ଡ୍ ପ୍ରୋସେସିଂ ମେଶିନ୍ ବ୍ୟବସ୍ଥା କରାଯାଇଛି।

—ଭାରତୀୟ ରିଜର୍ଭ ବ୍ୟାଙ୍କ

## ସଂକ୍ଷେପରେ

# ଫେରିଗଲେ ରାଷ୍ଟ୍ରପତି



ଭୁବନେଶ୍ୱର, ୧୮।୩ (ବ୍ୟୁରୋ) : ଦୁଇ ଦିନିଆ ଓଡ଼ିଶା ଗସ୍ତ ସାରି ରାଷ୍ଟ୍ରପତି ରାମନାଥ କୋବିନ୍ଦ ରବିବାର ଦିଲ୍ଲୀ ଫେରିଯାଇଛନ୍ତି। ଅପରାହ୍ଣ ୫ଟା ୩୦ରେ ସ୍ୱତନ୍ତ୍ର ବିମାନ ରାଜକମଲରେ ସେ ଏବଂ ତାଙ୍କ ସହଧର୍ମିଣୀ ସବିତା କୋବିନ୍ଦ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ। ରବିବାର ପୁରୀରେ ଥିବା କାର୍ଯ୍ୟକ୍ରମ ସାରି ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ରାଜଭବନକୁ ଯାଇଥିଲେ। ସେଠାରେ କେତେଜଣ ବିଚାରପତିଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। ରାଜଭବନରେ ରହିବା ସମୟରେ ରାଷ୍ଟ୍ରପତି କୋବିନ୍ଦଙ୍କୁ ତାଙ୍କ ସମ୍ପର୍କୀୟ, ଭାଜପା ନେତୃବୃନ୍ଦ, ସମାଜବାଦୀ ପାର୍ଟି ନେତୃବୃନ୍ଦ, ବିଜେଡିର ଏକ କମିଟି ଭେଟିଥିଲେ। ପରେ ଅପରାହ୍ଣ ୨ଟା ୪୫ରେ ସେ ଜଟଣୀ ଅରଗୁଲ୍‌ସ୍ଥିତ ଭୁବନେଶ୍ୱର ଆଇଆଇଟି ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାମିକାଲ ଟେକ୍ନୋଲୋଜି (ଆଇସିଟି) ବମ୍ବେ-ଇଣ୍ଡିଆନ ଅଏଲ କ୍ୟାମ୍ପସର ଉଦ୍‌ଘାଟନ ଓ ସ୍କିଲ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଠାରୁ ସିଧା ବିମାନବନ୍ଦର ଆସି ଦିଲ୍ଲୀ ଫେରି ଯାଇଥିଲେ।

NECC NATIONAL EGG CO-ORDINATION COMMITTEE 18.03.2018

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 64 | 111 | 121 |
| DKL | 64 | 111 | 121 |
| BDK | 64 | 111 | 121 |
| BLS | 66 | 114 | 124 |
| ANG | 64 | 111 | 121 |

Eggs Retail Price- 41/-Dozen
Issued in the Interest of Consumers

■ କଲେଜ ଉତ୍ସବରେ ନବକଳେବର ମୁଦ୍ରା ଉନ୍ମୋଚନ

# ମହାପ୍ରଭୁଙ୍କୁ ବେଖାତିର

ପୁରୀ ଅଫିସ,୧୮।୩

ଶ୍ରୀଜଗନ୍ନାଥଙ୍କ ନାମରେ ସ୍ମାରକୀ ମୁଦ୍ରା ମହାପ୍ରଭୁଙ୍କ ପ୍ରତି ଭକ୍ତି ଏବଂ ଓଡିଆ ଜାତି ପ୍ରତି ସମ୍ମାନ ପରିବର୍ତ୍ତେ ଭାଜପା ପାଇଁ ବାହାବା ସାବ୍ୟସ୍ତ ହୋଇଛି। ଏହି ସ୍ମାରକୀ ମୁଦ୍ରାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ସମର୍ପଣ କରା ନ ଯାଇ ରବିବାର ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନର ଶତବାର୍ଷିକୀ ଉତ୍ସବରେ ରାଷ୍ଟ୍ରପତିଙ୍କ କରକମଳରେ କେନ୍ଦ୍ରମନ୍ତ୍ରୀ ଉନ୍ମୋଚନ କରାଇବା ପରେ ବିବାଦ ଉପୁଜିଛି। ଏହା ଜଗନ୍ନାଥ ଏବଂ ଓଡିଆ ଜାତି ପ୍ରତି ବେଖାତିର ମନୋଭାବ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଓଡିଆମାନେ ବିବାହ, ବ୍ରତ ଆଦି ମାଙ୍ଗଳିକ କାର୍ଯ୍ୟରେ ଜଗନ୍ନାଥଙ୍କୁ ପ୍ରଥମେ ନିମନ୍ତ୍ରଣ କରିଥାନ୍ତି। ଶ୍ରୀଜଗନ୍ନାଥ ଏବଂ ଓଡିଆଙ୍କ ପ୍ରତି ବାସ୍ତବ ଶ୍ରଦ୍ଧା ଥିଲେ ଏହି ମୁଦ୍ରାକୁ ରାଷ୍ଟ୍ରପତି ଗର୍ଭଗୃହରେ ଦର୍ଶନ ସମୟରେ ମହାପ୍ରଭୁଙ୍କ ନିକଟରେ ସମର୍ପଣ କରାଇପାରିଥାନ୍ତେ ବୋଲି ଜଗନ୍ନାଥ ପ୍ରେମୀମାନେ ପ୍ରଶ୍ନ କରିଛନ୍ତି।

## ଶ୍ରୀମନ୍ଦିର ପ୍ରଶାସନକୁ ଦିଆଯାଇନି ସୂଚନା



୧୦୦୦ ଟଙ୍କିଆ ନବକଳେବର ମୁଦ୍ରା।

୨୦୧୫ରେ ଅନୁଷ୍ଠିତ ମହାପ୍ରଭୁଙ୍କ ନବକଳେବର ଯାତ୍ରା-୨୦୧୫କୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ନବକଳେବର ସ୍ମାରକୀ ମୁଦ୍ରା ପ୍ରଚଳନ କରିବା ଲାଗି କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ୧୦ଟଙ୍କା ଏବଂ ୧ହଜାର ଟଙ୍କିଆ ମୁଦ୍ରା ପ୍ରଚଳନ ଲାଗି ସ୍ଥିର ହୋଇଥିଲା। ମୁଦ୍ରାର ଡିଜାଇନ ପ୍ରସ୍ତୁତ ଲାଗି କେନ୍ଦ୍ର ପକ୍ଷରୁ ୭ଜଣିଆ କମିଟି ଗଠନ କରାଯାଇଥିଲା। ଡିଜାଇନ ସୁପାରିସ ଗୃହୀତ ହେବା ପୂର୍ବରୁ ବିବାଦ ଦେଖାଦେଇଥିଲା। ଏହି ଡିଜାଇନରେ ଜଗନ୍ନାଥଙ୍କ ହସ୍ତ ପଦ ରହିଥିଲା, ଯାହା ମହାପ୍ରଭୁଙ୍କ ସୁନାବେଶ ସମୟର ଚିତ୍ର ଥିଲା। ତତ୍କାଳୀନ ଆର୍ଥିକ ବ୍ୟାପାର ସଚିବ ଶକ୍ତିକାନ୍ତ ଦାସ ଏହି ଡିଜାଇନକୁ ନେଇ ସେତେବେଳେ ଆପତ୍ତି ଉଠାଇ ଥିଲେ। ଏହା ପରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖି ମତାମତ ଏବଂ ପରାମର୍ଶ ମାଗିଥିଲେ। ଏହାସହିତ ଡିଜାଇନ ପ୍ରସ୍ତୁତ କରି ପଠାଇବା ଲାଗି ଅନୁରୋଧ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ମୁଦ୍ରାର ଡିଜାଇନ ବୃତ୍ତାନ୍ତ କରି ବହୁ ବିଳମ୍ବରେ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟକୁ ପଠାଇଥିଲା। ଇତି ମଧ୍ୟରେ ମହାପ୍ରଭୁଙ୍କ ନବକଳେବର ଯାତ୍ରାକୁ ୩ବର୍ଷ ବିତିଛି। ରବିବାର ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନର ଶତବାର୍ଷିକୀ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କରକମଳରେ ଉନ୍ମୋଚିତ ହୋଇଛି ନବକଳେବର ସ୍ମାରକୀ ମୁଦ୍ରା। ଉନ୍ମୋଚିତ ହୋଇଥିବା ୧୦ଟଙ୍କିଆ ମୁଦ୍ରାର ବ୍ୟାସ ୨୭ ମିଲି ମିଟର ରହିଥିବାବେଳେ ୧ହଜାର ଟଙ୍କିଆ ମୁଦ୍ରାର ବ୍ୟାସ ୩୨ ମିଲିମିଟର। ୧ହଜାର ଟଙ୍କିଆ ମୁଦ୍ରାର ଓଜନ ୩୨ ଗ୍ରାମ ରହିଥିବାବେଳେ ଏଥିରେ ୨୫ ମିଲି ଗ୍ରାମ ରୁପା ଏବଂ ୭ ଗ୍ରାମ ତମ୍ବା ରହିଛି। କିନ୍ତୁ ଏହି ମୁଦ୍ରା ଉନ୍ମୋଚନ ସଂକ୍ରାନ୍ତରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିକୁ କୌଣସି ସୂଚନା ଦିଆଯାଇନାହିଁ। ଅନ୍ୟପକ୍ଷରେ ସକାଳେ ରାଷ୍ଟ୍ରପତି ଶ୍ରୀମନ୍ଦିର ଗର୍ଭଗୃହକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ରାଷ୍ଟ୍ରପତିଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବି ଥିଲେ। କିନ୍ତୁ ମହାପ୍ରଭୁଙ୍କ ନିକଟରେ ନବକଳେବର ସ୍ମାରକୀ ମୁଦ୍ରା ସମର୍ପଣ କରିବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ପ୍ରତି ଏପରି ବେଖାତିର ମନୋଭାବକୁ ଏବେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର କହିଛନ୍ତି, କେନ୍ଦ୍ର ସରକାର ଲୋକଦେଖାଣିଆ ଭାବରେ ଶ୍ରୀ ଜଗନ୍ନାଥଙ୍କୁ ବ୍ୟବହାର କରୁଛନ୍ତି। ☞ ପୃଷ୍ଠା-୪

## କାର୍ତ୍ତିକଙ୍କ ଛକାରେ ଭାର



କଲମ୍ବୋ: ନିଦାହାସ ଟ୍ରଫି ତ୍ରିରାଷ୍ଟ୍ରୀୟର ରବିବାର ବାଂ
ଛକା ମାରି ଭାରତକୁ ବିଜୟୀ କରିବା ପରେ ଦୀନେଶ

# ସରକାରୀ ଘରୋଇ

ଜୟପୁର,୧୮।୩

ରାଜ୍ୟର ୧୯ଟି ଚିକିତ୍ସାଳୟରେ ପିପିପି ମୋଡ୍‌ରେ
ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାର ଲକ୍ଷ୍ୟ
କ୍ରମରେ ଚିକିତ୍ସାଳୟଗୁଡ଼ିକର ଅଧା କିମ୍ବା ଏକ ତୃତୀୟ
କମ୍ପାନିକୁ ହସ୍ତାନ୍ତର କରିବା ପାଇଁ ସରକାର ନିଷ୍ପତ୍ତି
ଆଫୋର୍ଡେବଲ ହେଲଥ କେୟାର ପ୍ରୋଜେକ୍ଟ ଅଧୀ
ସ୍ପେଶାଲିଟି ହସ୍ପିଟାଲର ସୁବିଧା ଦେବା ପାଇଁ ସରକା
ଆରମ୍ଭ କରିଛନ୍ତି। କିନ୍ତୁ ଏଥିରେ ସାଧାରଣ ରୋଗୀ
ଓ ଶୋଷଣର ଶିକାର ହେବା ଆଶଙ୍କା କରାଯାଉଛି।
ରାଜ୍ୟ ସରକାରଙ୍କ ଏଭଳି ପ୍ରକ୍ରିୟାକୁ କୋରାପୁଟ ଓ
ଜିଲାରେ ବିରୋଧ କରାଯାଉଛି। ଗତ ସପ୍ତାହରେ
ଜିଲାର ବୁଦ୍ଧିଜୀବୀ ଏନେଇ ଆନ୍ଦୋଳନକୁ ମଧ୍ୟ ଓହ୍ଲା
ମାଲକାନଗିରିରେ ନବନିର୍ମିତ ଜିଲା ମୁଖ୍ୟ ଚିକିତ୍ସା
ଅଂଶ ଘରୋଇ କମ୍ପାନିକୁ ହସ୍ତାନ୍ତର କରିବା ପାଇଁ
ପକ୍ଷରୁ ଗତ ୨୧ ତାରିଖରେ ମାଲକାନଗିରି ଜିଲ

This is new. Be the first to know.